# ଠିକାଦାରଙ୍କୁ ସୁଧ ସହ ଟଙ୍କା ଦେବ ଗ୍ରାମ୍ୟ ଉନ୍ନୟନ ବିଭାଗ

## ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ରାୟ

ଜୟପୁର,୨୩।୧୧(ନି.ପ୍ର.)

ଜୟପୁର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଠିକା କାମର ଶେଷ ବିଲ ପାଇଁ ବାରମ୍ବାର ଅନୁରୋଧ କରି ନିରାଶ ହୋଇଥିବା ଠିକାଦାର ଶେଷରେ ଜୟପୁର ସିଭିଲ ଜଜ୍ ସିନିୟର ଡିଭିଜନ ଲୋପାମୁଦ୍ରା ପଣ୍ଡାଙ୍କ ନିକଟରେ ମାମଲା ଦାୟର କରିଛନ୍ତି। ଏହାର ଶୁଣାଣି ହୋଇଛି । ଠିକାଦାରଙ୍କ ଟଙ୍କାର ୬ ପ୍ରତିଶତ ସୁଧ ସହ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ହୋଇଛି। ସୂଚନା ଅନୁଯାୟୀ, ଜୟପୁର ରାଜୁସାହିର ଠିକାଦାର ପ୍ରଭାଂଶୁ ମହାନ୍ତି କୁନ୍ଦୁରା-ଦିଗାପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଟେଣ୍ଡର ପାଇଥିଲେ । ୨ କୋଟି ଟଙ୍କା ବିନିମୟରେ ଡିସେମ୍ବର ୨୦୦୫ରେ ରାସ୍ତା କାମ ଆରମ୍ଭ ହୋଇ ସେପ୍ଟେମ୍ବର ୨୦୦୬ରେ ସରିଥିଲା। କାମ ସରିଥିବା ପ୍ରମାଣପତ୍ର ସହ ବିଭାଗ ନିଜ ୱେବ୍‌ସାଇଟ୍‌ରେ ମଧ୍ୟ ଏହା ଦର୍ଶାଇଥିଲା। ଠିକାଦାର ବାରମ୍ବାର ବକେୟା ଟଙ୍କା ଦେବାକୁ କହିଥିଲେ ମଧ୍ୟ ବିଭାଗ ଶୁଣୁନଥିଲା। ଏପରିକି ବିଭାଗର ଇଆଇସି, ଅପିଲ ଅଥରିଟି ପାଖରେ ଫେରାଦ ହୋଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସେ ଜୟପୁର ସିଭିଲ ଜଜ ସିନିଅର ଡିଭିଜନଙ୍କ ନିକଟରେ କେସ୍ ନଂ ୩୫/୨୦୧ରେ ମାମଲା ଦାୟର କରିଥିଲେ। ସରକାରୀ ପ୍ରସିକ୍ୟୁଟର ବିଷ୍ଣୁ ପ୍ରସାଦ ପାତ୍ର କୋର୍ଟଙ୍କୁ ଦର୍ଶାଇଥିଲେ ଯେ ଠିକାଦାର ରାସ୍ତା କାମ କରିନଥିବା ସହ ତାର ମେଣ୍ଟେନାନ୍ସ ମଧ୍ୟ କରିନାହାନ୍ତି। ତେବେ ଠିକାଦାର ଉକ୍ତ ରାସ୍ତା ନିର୍ମାଣ ପରେ ୫ ବର୍ଷ ମେଣ୍ଟେନାନ୍ସ ମଧ୍ୟ କରିଥିବାର ତଥ୍ୟ କୋର୍ଟଙ୍କୁ ଦେଇଥିଲେ। ଏହି ପ୍ରମାଣକୁ ଆଧାର କରି ଠିକାଦାରଙ୍କୁ ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ବାବଦରେ ୭୩ ଲକ୍ଷ ୬୪ ହଜାର ୭୫୯ ଟଙ୍କାରେ ୬ ପ୍ରତିଶତ ସୁଧ ଦେବା ପାଇଁ କୋର୍ଟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକାଦାରଙ୍କ ପକ୍ଷରୁ ଓକିଲ ଟି.ଏନ୍. ମୂର୍ତ୍ତି ମାମଲା ଲଢୁଥିଲେ।

## ସଂକ୍ଷେପରେ

### ସାଇକେଲ୍‌ରୁ ପଡ଼ି ମୃତ୍ୟୁ

ବୈପାରୀଗୁଡ଼ା,୨୩।୧୧(ଡି.ଏନ୍.ଏ.): ଝିଅଘରୁ ଫେରିବା ବାଟରେ ସାଇକେଲରୁ ପଡ଼ି ଗୁରୁତର ଅବସ୍ଥାରେ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ଗୁରୁବାର ରାମଗିରି ପୋଲିସ୍ ଫାଣ୍ଡି ଅଧୀନ ସଦର ଗ୍ରାମର କୁନୁ ରତଲିଆ (୫୦) ଚେରକା ପଞ୍ଚାୟତ ରାଉଲିଗୁଡ଼ାରେ ରହୁଥିବା ନିଜ ଘିଅଘରୁ ଫେରୁଥିଲେ। ବାଟରେ ଥୋଡିଆଗୁଡ଼ାରେ ସାଇକେଲ୍‌ରୁ ଖସିପଡ଼ି ଗୁରୁତର ହୋଇଥିଲେ । ଜୟପୁର ମେଡିକାଲ୍‌ରେ ଚିକିତ୍ସା ଚାଲିଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଜୟପୁର ଯାଇ ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ଡକାୟତି ଯୋଜନା ସନ୍ଦେହରେ ୪ କୋର୍ଟ ଚାଲାଣ

ବୈପାରୀଗୁଡ଼ା,୨୩।୧୧(ଡି.ଏନ୍.ଏ.): ଡକାୟତି ଯୋଜନା କରୁଥିବା ସନ୍ଦେହରେ ଶୁକ୍ରବାର ବୈପାରୀଗୁଡ଼ା ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଝିଗୁଡ଼ାର ଦିବ୍ୟ ପ୍ରତାପ ତୁର୍କୁ (୨୮), ରାଣା ପ୍ରତାପ ତୁର୍କୁ (୨୨), ବରେଇଗୁଡ଼ା ଗ୍ରାମର ସଞ୍ଜୀବ ବାରିକ (୧୯) ଏବଂ ଗୁଡାରୀ ଥାନାର ନରେନ୍ଦ୍ର ମିଶାଲ (୩୩) । ସେମାନଙ୍କଠାରୁ ୪ଟି ମୋବାଇଲ, ୨ଟି ଛୁରି, ୨୨ ହଜାର ଟଙ୍କା ଓ ବୋଲେରୋ ଜବତ କରିଛି ପୋଲିସ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଏସ୍‌ଆଇ ଜିତେନ୍ଦ୍ର ନାୟକ କହିଛନ୍ତି। ଅଭିଯୁକ୍ତମାନେ ଗୌଡ଼ଗୁଡ଼ା ରାସ୍ତା ଦେଇ ଯାଉଥିବା ଗଞ୍ଜେଇ ଗାଡ଼ିକୁ ଅଟକାଇ ଲୁଟ୍ କରିବା ଯୋଜନାରେ ଥିଲେ। ଏନେଇ ପୋଲିସ କେସ୍ ନଂ ୧୫୫/୧୮ରେ ଏକ ମାମଲା ରୁଜୁ କରିଛି।

### ଭତ୍ତା ବାଣ୍ଟିଲେ ବିଧାୟକ



କୁନ୍ଦୁରା,୨୩।୧୧(ଡି.ଏନ୍.ଏ.): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ଗୁରୁବାର କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଛନ୍ତି। କୁନ୍ଦୁରା ପଞ୍ଚାୟତର ୧୭୯, ଡଙ୍ଗରପାଉଁଶିରେ ୫୩, ବାଗଦେରୀରେ ୬୫ ଏବଂ ପାକନାଗୁଡ଼ାରେ ୫ ଜଣ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଏବିଡିଓ ମାଧୁରୀ ଆଚାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରା, ସାମାଜିକ କର୍ମୀ ତ୍ରିପତି ଗୁରୁଙ୍କ ସମେତ ୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ ଉପସ୍ଥିତ ଥିଲେ।

### ବୈଷ୍ଣବ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର,୨୩।୧୧(ଡି.ଏନ୍.ଏ.): କୋରାପୁଟ ଜିଲା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଯାଦବ ଭବନରେ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ଭାଷ ସୁରକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ବୈଷ୍ଣବ ଚରଣ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜିଲା ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିରେନ ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ପାତ୍ର, ଦୁର୍ଗା ମାଧବ ଶତପଥୀ, ପ୍ରମୋଦ ମହାନ୍ତି, କୃଷ୍ଣଚନ୍ଦ୍ର ହୋତା, ପରମେଶ୍ୱର ପାତ୍ର, ପ୍ରହ୍ଲାଦ ପାତ୍ର, ପ୍ରମୋଦିନୀ ହୋତା ଉପସ୍ଥିତ ଥିଲେ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

ନନ୍ଦପୁର,୨୩।୧୧(ଡି.ଏନ୍.ଏ.)

ନନ୍ଦପୁର ବ୍ଲକ ସଦରରେ ଗୁରୁବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ସଦର ମୁଖ୍ୟଛକରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଏକ ସାଧାରଣ ସଭା ହୋଇଥିଲା । ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ମାଟାମ, ମାଲିବେଲଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନପତି ଶିଶା ଯୋଗ ଦେଇଥିଲେ। ସିପିଏମ୍‌ର ଜିଲା ମୁଖପାତ୍ର ଦିବାକର ଭତ୍ରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଯୁବଗୋଷ୍ଠୀଙ୍କୁ କୋରାପୁଟର ମୁକ୍ତି ପାଇଁ ଆହ୍ୱାନ ଦେଇଥିଲେ। ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନ ଓ ଆଦର୍ଶ ପ୍ରତି ସଚେତନ ହୋଇ କୋରାପୁଟର ଗରିବ ଶ୍ରେଣୀର ଆର୍ଥିକ ସ୍ୱଚ୍ଛଳତା ଓ ମୁକ୍ତି ଲାଗି ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ତୋକିଗୁଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

ଜୟପୁର,୨୩।୧୧(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକ ବୋଡିଗାଁ ପଞ୍ଚାୟତର ତୋକିଗୁଡ଼ା ଗ୍ରାମ ହରିଜନ ସାହିରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଜିଲା ଡମ ସଂଗଠନ ଜିଲା ସଭାପତି ପବିତ୍ର ଖରା, ଉପସଭାପତି ଖଗପତି ପାଙ୍ଗି, ସହ ସଂପାଦକ ଶିବ ପାଟନିଆ, ଧନିରାମ ଟାକ୍ରି, ଜିତେନ୍ଦ୍ର ବାଗ ଯୋଗ ଦେଇଥିଲେ । ମାଧବ ହରିଜନ, ବାସୁଦେବ ହରିଜନ, ସାହେବ ହରିଜନ, ଲକ୍ଷ୍ମଣ, ଗଙ୍ଗା, ନୀଳକଣ୍ଠ, ହରିହର, ତ୍ରିନାଥ, କୁନ୍ଦୁନ ଏବଂ କମଲୁ ହରିଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦାମନଯୋଡିସ୍ଥିତ ସେକ୍ଟର-୧ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ।



ଦାମନଯୋଡି ନାଲ୍‌କୋ କମନ ୱେଲଫେୟାର କମିଟି ପକ୍ଷରୁ ସାବରୀ ଲେକ୍‌ରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ବୋଇତରେ ଅତିଥିମାନେ ।



କୋଟପାଡ ବ୍ଲକ ଅଞ୍ଚଳରେ ଏକ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ସଂକୀର୍ତ୍ତନ ମଣ୍ଡଳୀ ନାମ କୀର୍ତ୍ତନ କରୁଛନ୍ତି ।

## ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଜୟନ୍ତୀ

ଜୟପୁର,୨୩।୧୧(ଡି.ଏନ୍.ଏ.)

ଜୟପୁର ବ୍ଲକ ଟାଙ୍ଗୁଆ ଗ୍ରାମ ଜଗନ୍ନାଥ ମନ୍ଦିରରେ ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ୯୦ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଛି। ଏଥିରେ ବରିଷ୍ଠ ନାଗରିକ ଏବଂ ଶୁଭେଚ୍ଛୁମାନେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପଟ୍ଟନାୟକଙ୍କ ଜିଲାର ଜଳସେଚନ ଏବଂ ଜୟପୁରର ସର୍ବାଙ୍ଗିନ ଉନ୍ନତି ଉପରେ ଗୁରୁତ୍ୱାରୋକ କରିଥିଲେ । ସେ ଜଣେ ବିଚକ୍ଷଣ ରାଜନୈତିକ ଏବଂ ପ୍ରଶାସନିକ ବ୍ୟକ୍ତି ଭାବେ ପରିଚିତ ଥିବା ନେଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଏହାସହ ଏକ ଭଜନ ସମାରୋହ ହୋଇଥିଲା । ଏହି ଅବସରରେ ପୁଅ ବିରେନ ପଟ୍ଟନାୟକ, ଧୀରେନ ପଟନାୟକ, ନାତି ପ୍ରତ୍ୟୁଷ ଓ ପିୟୂଷ ଉପସ୍ଥିତ ଥିଲେ । ସେହିପରି ଜିଲା କଂଗ୍ରେସ ଭବନରେ ପୂର୍ବତନ ମନ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏଥିରେ ବରିଷ୍ଠ ସଦସ୍ୟ ବିନୋଦ ମହାପାତ୍ର, ଜଗଦିଶ ସାହୁ, ମଦନ ମୋହନ ନାୟକ, କୃଷ୍ଣଚନ୍ଦ୍ର ନେପାକ, ଅଜିତ ସାମନ୍ତରାୟ, ଭେଙ୍କଟରାଓ ପଟ୍ଟନାୟକ, ସୁଧୀର ପାଢ଼ୀ, ହାସାନ ମଦାନୀ, ଗୁପ୍ତ ଗୌଡ଼ ଉପସ୍ଥିତ ଥିଲେ।

## ଗୁରୁ ନାନକଙ୍କ ଜୟନ୍ତୀ ପାଳିତ

ଜୟପୁର,୨୩।୧୧(ଡି.ଏନ୍.ଏ.)

ଶିଖ୍ ସମ୍ପ୍ରଦାୟର ପ୍ରଥମ ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ଶୁକ୍ରବାର ବ୍ରହ୍ମାସାହି ଓ ନାରାୟଣ ତୋଟା ସାହି ସ୍ଥିତ ଗୁରୁଦ୍ୱାରାଠାରେ ପାଳିତ ହୋଇଛି। ଜୟନ୍ତି ଅବସରରେ ଶିଖ ସଂପ୍ରଦାୟ ପକ୍ଷରୁ ପଞ୍ଚୁକ ସକାଳେ ସଂକୀର୍ତ୍ତନ ସହର ପରିକ୍ରମା କରିଥିଲା। ନାନକଙ୍କ ଜୟନ୍ତି ପାଇଁ ପବିତ୍ର ଗ୍ରନ୍ଥସାହେବ ପାଠ ସହ ଭଜନ ଓ କୀର୍ତ୍ତନ ଓ ମଧ୍ୟାହ୍ନରେ ଭୋଜନ (ଲଙ୍ଗାର)ର ଆୟୋଜନ କରାଯାଇଥିଲା । ଜୟପୁର, ମାଲକାନଗିରି ଏବଂ ଆଖପାଖ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ ଶିଖ ଧର୍ମାବଲମ୍ବୀ ଏହି ପବିତ୍ର ଉତ୍ସବରେ ଯୋଗ ଦେଇଥିଲେ।

SAHARAYN UNIVERSAL MULTIPURPOSE SOCIETY LIMITED
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011

NOTICE

A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA:

1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.

Place: Bhopal
Date: 16.11.2018

By order of the Board
For Saharayn Universal Multipurpose Society Limited
-Sd-
Managing Director

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

## ୫୭ତମ ଫାର୍ମାସୀ ସପ୍ତାହ ପାଳିତ

# 'ଡାକ୍ତରଙ୍କ ଅଭାବ ପୂରଣ କରିଛନ୍ତି ଫାର୍ମାସିଷ୍ଟ'

ଜୟପୁର,୨୩।୧୧(ନି.ପ୍ର.)

ଭାରତୀୟ ଫାର୍ମାସିଷ୍ଟ ସଂଘର ସ୍ଥାନୀୟ ଶାଖା ପକ୍ଷରୁ ଜୟପୁର ଫାର୍ମାସୀ କଲେଜରେ ୫୭ତମ ଫାର୍ମାସୀ ସପ୍ତାହ ପାଳିତ ହୋଇଛି । ଏଥିରେ ଅତିଥି ଭାବେ କୋରାପୁଟ ଜିଲା ଫାର୍ମାସିଷ୍ଟ ସର୍ଭିସ ସଂଘ ସଭାପତି ରଜନୀକାନ୍ତ ପାଢ଼ୀ, ପି. କୃଷ୍ଣଚନ୍ଦ୍ର ପାତ୍ର ଏବଂ ଫାର୍ମାସିଷ୍ଟ ଏସ୍. ସତିଶ ରାଓ ଯୋଗ ଦେଇଥିଲେ। ସୁସ୍ଥ ଭାରତ ଗଠନ ପାଇଁ ଫାର୍ମାସିଷ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ହିଁ ପ୍ରକୃତ ଭାରତର ସ୍ୱାସ୍ଥ୍ୟସେବାକୁ ସମ୍ଭାଳି ରଖିଛନ୍ତି। ଗ୍ରାମାଞ୍ଚଳରେ ଡାକ୍ତରଙ୍କ ଅଭାବ ବେଳେ ସେବା ତୁଲାଇ ଆସୁଛନ୍ତି ଫାର୍ମାସିଷ୍ଟ। ତେଣୁ ସେମାନଙ୍କୁ ସରକାର ସଶକ୍ତ କରିବା ନିହାତି ଦରକାର ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରମାନେ ଔଷଧ ସମ୍ବନ୍ଧୀୟ ସମସ୍ତ ଜ୍ଞାନ କୌଶଳ ନିଷ୍ଠାର ସହ ଆହରଣ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଜୟପୁର ଫାର୍ମାସୀ କଲେଜର ଡାଇରେକ୍ଟର ଡ. ସ୍ମୃତିରଞ୍ଜନ ମିଶ୍ର କହିଥିଲେ ଯେ, ଫାର୍ମାସି ସପ୍ତାହର ଚଳିତ ବର୍ଷର ଥିମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫାର୍ମାସିଷ୍ଟମାନେ ହିଁ ଭାରତବର୍ଷର ପ୍ରତି କୋଣ ଅନୁକୋଣରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସିଛନ୍ତି। ସେମାନଙ୍କ ନ୍ୟାଯ୍ୟ ଦାବି ଓ ସମ୍ମାନ ନ ମିଳିବା କ୍ଷୋଭର ବିଷୟ। ଜୟପୁର ଫାର୍ମାସି କଲେଜର ଅଧ୍ୟକ୍ଷ ଡ. ପ୍ରସନ୍ନ କର, ଶିକ୍ଷକ ସୁଜିତ ମାର୍ଥା, ଛାତ୍ରୀ ଚିନ୍ମୟୀ ଚକ୍ରବର୍ତ୍ତୀ, ଛାତ୍ର ଲକ୍ଷ୍ମୀକାନ୍ତ ରଥ, ହିମାଂଶୁ ଶେଖର ପାଲ ବକ୍ତବ୍ୟ ରଖିଥିଲେ। ଶେଷରେ ଡ. ରାମ ପ୍ରସାଦ ପାଢ଼ୀ ଧନ୍ୟବାଦ ଦେଇଥିଲେ।




ଫାର୍ମାସୀ ସପ୍ତାହ ସଭାରେ ଉପସ୍ଥିତ ଅତିଥିମାନେ ।




## ବୀରବାହାଦୁର ଯୁବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଇନ୍ଦ୍ରାବତୀ ବିଜୟୀ

ତେନ୍ତୁଳିଖୁଣ୍ଟି,୨୩।୧୧(ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟି ବ୍ଲକ୍ ଗଉଡ଼ଗୁଡ଼ାଠାରେ ବୀରବାହାଦୁର ଯୁବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ସଦନ ନାୟକ ଏବଂ ସମ୍ମାନିତ ଅତିଥିରୂପେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପି. ନାଗରତ୍ନମ୍ ଓ ଭୀମସେନ ପାଣିଗ୍ରାହୀ ଯୋଗଦେଇଥିଲେ। ଗଉଡ଼ଗୁଡ଼ା ଲର୍ଡ଼ସ ପାର୍କ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇନ୍ଦ୍ରାବତୀ ଏବଂ ପଡ଼ାଲଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇନ୍ଦ୍ରାବତୀ ଦଳ ପଡ଼ାଲଗୁଡ଼ାକୁ ପରାସ୍ତ କରିଛି। ଗଗନବିହାରୀ ସୁନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପିଣ୍ଟୁ ଶଗରିଆ, ସାରାଂଶୁ ଶେଖର ସୁନା, କାହ୍ନା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ ଦୁଇଟି ମ୍ୟାଚ୍ ହେବାକୁ ଥିବାବେଳେ ମୋଟ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ୩ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ ।



## ଉମେଶ ପାତ୍ର ୬ ବର୍ଷ ପାଇଁ କଂଗ୍ରେସରୁ ନିଲମ୍ବିତ

**ନବରଙ୍ଗପୁର,୨୩।୧୧(ବି.ପ୍ର.)**

ନବରଙ୍ଗପୁର ଜିଲା କଂଗ୍ରେସ କମିଟି ପକ୍ଷରୁ କୋଷାଗୁମୁଡ଼ା ବ୍ଲକ୍‌ର ବରିଷ୍ଠ ନେତା ଉମେଶ ଚନ୍ଦ୍ର ପାତ୍ର(ବୁଢ଼ା)ଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବନ କରାଯାଇଥିବା ଜିଲା ସଭାପତି ମୁନା ତ୍ରିପାଠୀ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ବ୍ଲକର ଅନେକ କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟମାନେ ପାତ୍ରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ନିଲମ୍ବନ ପରେ ରାଜ୍ୟ କମିଟିକୁ ଅବଗତ କରାଯାଇଥିବା ଜିଲା ସଭାପତି ତ୍ରିପାଠୀ ସୂଚନା ଦେଇଛନ୍ତି।

## ଅଟୋ ଓଲଟି ୭ ଆହତ

**ଡାବୁଗାଁ, ୨୩।୧୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ମନ୍ଦିର ନିକଟରେ ଏକ ଅଟୋ ଓଲଟି ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମଇଦଲପୁର ଗ୍ରାମର ଅଟୋ ଡ୍ରାଇଭର କୁନା ସୁନାରୀ (୩୦), ସେବକ ହରିଜନ (୧୭), କଣ୍ଟାସାରୁ ଗ୍ରାମର ଜଗବନ୍ଧୁ ଜାନୀ (୨୨), ଦୟା ଜାନୀ (୧୯), ସୁରେଖା ନାୟକ (୧୭), ମଞ୍ଜୁଳା ନାୟକ (୧୫) ଓ ସୁବର୍ଣ୍ଣ ଜାନୀ (୧୨) । ଏମାନଙ୍କ ମଧ୍ୟରୁ ଅଟୋ ଡ୍ରାଇଭର କୁନା ସୁନାରୀ ଓ କଣ୍ଟାସାରୁ ଗ୍ରାମର ଜଗବନ୍ଧୁ ଜାନୀଙ୍କ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ଅନୁସାରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଅଧୀନ କଣ୍ଟାସାରୁ ଗ୍ରାମର ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ଲୋକ ମଇଦଲପୁର ଗ୍ରାମର ଏକ ଅଟୋ (ଓ୨୪ଏ୬୦୪୩) ଯୋଗେ ଚନ୍ଦନଧାରା ପର୍ଯ୍ୟଟନ ସ୍ଥଳୀ ଶିବ ମନ୍ଦିରରେ ଦର୍ଶନ କରି କେଲିଆ ଶୈବପୀଠ ଦର୍ଶନ ପାଇଁ ଆସୁଥିବା ବେଳେ ମନ୍ଦିର ନିକଟସ୍ଥ ଘାଟି ଉଠି ନପାର ୫ ପଲଟି ମାରି ତଳକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୭ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଡାବୁଗାଁ ପୋଲିସ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

# ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କଲେ ୩୦ ହଜାର ଶ୍ରଦ୍ଧାଳୁ

**ଡାବୁଗାଁ,୨୩।୧୧(ଡ.ଏନ.ଏ.)**



ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ଗହଳିଚହଳି ।

ଡାବୁଗାଁ ବ୍ଲକର ଚଚରାଗୁଡ଼ା ପଞ୍ଚାୟତ ଅଧୀନ କେଲିଆ ଶୈବ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରିବା ନିମନ୍ତେ ସକାଳୁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ । ଏହି କେଲିଆ ଶୈବ ପୀଠକୁ ଡାବୁଗାଁ ବ୍ଲକ୍ ସମେତ ଜିଲାର ବିଭିନ୍ନ ବ୍ଲକ ଓ ପଡ଼ୋଶୀ ଜିଲା କୋରାପୁଟ, କଳାହାଣ୍ଡି ଏବଂ ପଡ଼ୋଶୀ ଛତିଶଗଡ ରାଜ୍ୟରୁ ମଧ୍ୟ ଶ୍ରଦ୍ଧାଳୁମାନେ ଆସି ଝାଡ଼େଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ । ଏଥିରେ ଡାବୁଗାଁ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ମନ୍ଦିର ପରିଚାଳନା କମିଟି ସଭାପତି ତଥା ତହସିଲଦାର ନରସିଂହ ଗାଦ୍‌ବା, ସମ୍ପାଦକ ଦେବରାଜ ପାତ୍ର ,କୋଷାଧକ୍ଷ ଜି. ସାଇରାଜୁ, ଚଚରାଗୁଡ଼ା ସରପଞ୍ଚ ଧର୍ମାନନ୍ଦ ନାୟକ,ସୁରେନ୍ଦ୍ର କୁମାର ମିଶ୍ର, କୈଳାସ ବିଶୋଇ, ଗୁପ୍ତ ବିଶୋଇ ଓ କମିଟି କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଠାରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରିଥିବା ଜଣାପଡ଼ିଛି । ଏହା ସହ ଡାବୁଗାଁ ଶିବ ମନ୍ଦିର ,ବାଘବେଡ଼ା, ଜୁନାପାଣି ଓ ବିରିଶୋଲା ଶିବ ମନ୍ଦିରରେ ମଧ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି ।

# ୧୭ ତିତ୍‌ଲି ହିରୋଙ୍କୁ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି, ୨୩।୧୧(ସ୍ୱ.ପ୍ର.)**

ତିତ୍‌ଲି ବାତ୍ୟା ପରବର୍ତ୍ତୀ ସମୟରେ ଗଜପତି ଜିଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୭ଜଣ ବ୍ୟକ୍ତିଙ୍କୁ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ରାୟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଜୟ କୁମାର ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ବେଗୁନ୍ ଟୁଡୁ, ରାମଗିରି ସରପଞ୍ଚ ଆଦିକନ୍ଦ କାର୍ଜୀ, ଜିରାଙ୍ଗ ରାଜସ୍ୱ ନିରୀକ୍ଷକ ହରିଶ୍ଚନ୍ଦ୍ର ରଇତ, ତାଳମୁଣ୍ଡା ଗ୍ରାମର ଆଶାକର୍ମୀ ଗୀତାଞ୍ଜଳି ଶବର, ଆର୍. ଉଦୟଗିରି ବିଜୁ ଯୁବ ବାହିନୀର ସଦସ୍ୟ ମାନସ ଘଡେଇ ପାତ୍ର, ସିସିଡି ଅନୁଷ୍ଠାନର ସମ୍ପାଦକ ଏ.ଜଗନ୍ନାଥ ରାଜୁ, ଏସ୍‌ଡବ୍ଲ୍ୟୁଏସ୍‌ଏସ୍ ଅନୁଷ୍ଠାନର ଭାଗବତ ପାଢ଼ୀ, ସୁରକ୍ଷା ଅନୁଷ୍ଠାନର ସମ୍ପାଦକ ଏସ୍.ମୋତିଲାଲ୍ ରେଡ୍ଡି, ମୋହନା 'ମା ଗୃହ'ର ଲଳିତା ପାତ୍ର, ଏଏନ୍‌ଏମ୍ ଗାୟତ୍ରୀ ସାହୁ, ଗଙ୍ଗାବାଡ ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାସ୍କର ପାତ୍ର, ଯାଜପୁର ଗ୍ରାମର ୱାର୍ଡସଭ୍ୟା ଏମ୍.ଜୟା, ଚନ୍ଦ୍ରଗିରି ପଞ୍ଚାୟତର ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପାତ୍ର, ଗୋଷାଣୀ ବ୍ଲକ ବିଜୁ ଯୁବବାହିନୀର ଟି.ଦୁର୍ଗାରାଓ ଏବଂ ଟି.ଶଙ୍କର ରାଓ, ବାଘଶଳା ଯୋଗାଣ ସହାୟକ ଗାୟତ୍ରୀ ଦେବୀ, ଗଜପତି ଓ୍ୱାର୍କର୍ସ କ୍ଲବ୍‌ର ଡାକ୍ତର ଭି.ଲୋକନାଥ ରାଜୁ ଏବଂ ପି.ହରି ପ୍ରମୁଖ । ଖାଦ୍ୟ, ଜଳ ଯୋଗାଣ, ରାସ୍ତା ନିର୍ମାଣ, ଗର୍ଭବତୀଙ୍କୁ ସୁରକ୍ଷା, ବୃଦ୍ଧାବୃଦ୍ଧଙ୍କୁ ସ୍ଥାନାନ୍ତର, ରିଲିଫ ସାମଗ୍ରୀ ପହଞ୍ଚାଇବା, ସ୍ୱାସ୍ଥ୍ୟସେବା ଇତ୍ୟାଦି ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଥା ରିଲିଫ ଦାୟିତ୍ୱରେଥିବା ଅରୁଣ କୁମାର ତ୍ରିପାଠୀ କହିଛନ୍ତି।

## ସତ୍ୟ ସାଇଙ୍କ ଜନ୍ମବାର୍ଷିକୀ ପାଳିତ

**ନବରଙ୍ଗପୁର,୨୩।୧୧(ବି.ପ୍ର.)**

ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟ ସାଇଙ୍କ ୯୩ ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ସତ୍ୟ ସାଇ ମନ୍ଦିରଠାରେ ପହଞ୍ଚିଥିଲା । ପ୍ରାତଃରେ ନଗର ସଂକୀର୍ତ୍ତନ, ଅଧ୍ୟାତ୍ମିକ ପତାକା ଉତ୍ତୋଳନ, ନଗର ପରିକ୍ରମା, ନାରାୟଣ ସେବା ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ପ୍ରଦୀପ ପ୍ରଜ୍ୱଳନ, ବେଦମନ୍ତ୍ର ପାଠ, ଦଳଗତ ସଙ୍ଗୀତ ସମେତ ଜନ ମାନସ ପାଇଁ ଆମ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା । ରାତ୍ର ୮.୧୦ମିନିଟରେ ଜନ୍ମଦିନ କେକ୍ କଟାଯିବା ସହ ମଙ୍ଗଳ ଆରତି ପରେ ବିଭୂତି ପ୍ରଦାନ କରାଯାଇଥିଲା।


ଶୋଭାଯାତ୍ରାରେ ସାମିଲ ହୋଇଥିବା ସତ୍ୟ ସାଇଙ୍କ ଶ୍ରଦ୍ଧାଳୁମାନେ।

## ଗୋପାଳ ଶ୍ରୀକ୍ଷେତ୍ରରେ ଅଷ୍ଟପ୍ରହର ନାମଯଜ୍ଞ

**ତେନ୍ତୁଲିଖୁଣ୍ଟି, ୨୩।୧୧(ଡି.ଏନ.ଏ.)**

ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡାସ୍ଥିତ ଗୋପାଳ ଶ୍ରୀକ୍ଷେତ୍ର ସମେତ ପୋଡ଼ାଗଡ ତ୍ରିନାଥ ମନ୍ଦିର କମିଟି ସୌଜନ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅଧିବାସ କରାଯାଇଥିବାବେଳେ ଶୁକ୍ରବାର ସକାଳ ୭ଟାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହା ଶନିବାର ୭ଟା ପର୍ଯ୍ୟନ୍ତ ଚାଲିବ । ଏହା ପରେ ଦହିହାଣ୍ଡି ଭଙ୍ଗ ସହ ସମ୍ପନ୍ନ ହେବ। ଗୋପାଳ ଶ୍ରୀକ୍ଷେତ୍ରରେ ଗୋପାଳକୃଷ୍ଣ ଭଞ୍ଜ, ବିଜୟ କୁମାର ପଣ୍ଡା, ଦୁଃଖୁ ଗୌଡ଼, ସୀମାଞ୍ଚଳ ମିଶ୍ର, ଚନ୍ଦନ ନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ବାବୁଲି ନାୟକ, ଶ୍ରୀକାନ୍ତ ଶତପଥୀ, ଲଳିତ ଦାଶ ପ୍ରମୁଖଙ୍କ ସହଯୋଗରେ ନାମଯଜ୍ଞ ଓ ଅନ୍ନଯଜ୍ଞ ଆୟୋଜନ କରାଯାଇଛି । ରାସ ପୂର୍ଣ୍ଣିମା ଅବସରରେ ସକାଳେ ବିଭିନ୍ନ ନଦୀଘାଟ ତଥା ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। ଦିନ ତମାମ ମନ୍ଦିରମାନଙ୍କରେ ମାସର ଶେଷ ଦିବସରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଗାନ୍ଧୀନଗରରେ ଅଷ୍ଟପ୍ରହର ସଂକୀର୍ତ୍ତନ


ନାମ ସଂକୀର୍ତ୍ତନ ଚାଲିଛି ।

**ସେମିଳିଗୁଡ଼ା,୨୩।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡ଼ା ଗାନ୍ଧୀନଗରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଏଥି ନିମନ୍ତେ ପ୍ରଥମେ ୧୦୮ କଳସ ଯାତ୍ର କରାଯାଇଥିଲା। ଏଥିରେ ପୁକାଲି, ମାଳିଦୁସରା, ମାଳିଚଲର, ଗୁଣ୍ଡାପୁଟ, ଚେରିମାଳିପୁଟ, ବୁରୁଗୁଡ଼ା, କାକିରିଗୁମ୍ମା, ଲକ୍ଷ୍ମୀପୁର ଦୁର୍ଗମ ଅଞ୍ଚଳର ୮ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ୧୦ ହଜାର ଲୋକଙ୍କ ପାଇଁ ଭୋଜନ ପ୍ରସ୍ତୁତ ହୋଇଥିଲା। ଗ୍ରାମରେ ଶାନ୍ତି, ସଦ୍‌ଭାବନା ପ୍ରତିଷ୍ଠା ନିମନ୍ତେ ଏହି ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ମା' ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ ସଭାପତି ପାଣ୍ଡବ ପ୍ରଧାନ , ଉପସଭାପତି ଅଖିଳ ଲେଙ୍କା, ସମ୍ପାଦକ ମନୁ ସିଂହ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ।





ରାଜ ମୁକୁଟ ସୁନାରେ ତିଆରି ବୋଲି ଦେଖାଯାଏ, କିନ୍ତୁ ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
– ଜନ ମିଲଟନ



## ସଂକ୍ଷେପରେ

### ୯ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ଚନ୍ଦ୍ରପୁର, ୨୩।୧୧(ଡ଼ି.ଏନ.ଏ): ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଚାରିଟି ପଞ୍ଚାୟତର ୯ଟି ଗ୍ରାମରେ ନୂତନ ଭାବେ ୯ଟି ଅଙ୍ଗନୱାଡି ଗୃହ ନିର୍ମାଣ ହୋଇଛି । ସେଥିମଧ୍ୟରୁ ବିଜାପୁର ପଞ୍ଚାୟତର ବିଜାପୁର, ଲାମ୍ବାରୁ, ବୁଡିବାଲି ପଞ୍ଚାୟତର ବୋଡିସୁର, ଗରଡଙ୍ଗବାଟା, କମାରଗୁଡି, ଆଶ୍ରୟପୁର, ସାରିକିମା ପଞ୍ଚାୟତର ଟାପରାଙ୍ଗ, ପାଟତାଲି, ଟୁରିଗୁଡା ପଞ୍ଚାୟତର ଟୁରିଗୁଡା ସଦର ମହକୁମାରେ ଏହା ନିର୍ମାଣ ହୋଇଛି । ଟୁରିଗୁଡାଠାରେ ଚନ୍ଦ୍ରପୁର ତହସିଲଦାର ଫର୍ଣ୍ଣାଣ୍ଡେ ନନ୍ଦ ଏକା ଉଦ୍‌ଘାଟନ କରିଥିବାବେଳେ ବିଜାପୁର ବୁଡିବାଲିଠାରେ ଚନ୍ଦ୍ରପୁର ବ୍ଲକ ଅଧକ୍ଷା ସଙ୍ଗୀତା ପ୍ରତିଙ୍ଗା, ଉପାଧକ୍ଷା ରେଣୁବାଳା ଭାଟ, କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ଦାସ, ଦୋଳଗୋବିନ୍ଦ ଭୂମିଜା, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ରହି ନୂତନ ଅଙ୍ଗନୱାଡି କେନ୍ଦ୍ରଗୁଡିକ ଉଦ୍‌ଘାଟନ କରିଥିଲେ। ଏଥିରେ ଶିଶୁବିକାଶ ଯୋଜନାର ସୁପରଭାଇଜର ଚନ୍ଦ୍ରମା ମାଳବିଶୋଇ, ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସଂକୀର୍ତ୍ତନରେ ଯୋଗଦେଲେ ପାରଳା ରାଜକୁମାରୀ



ଗୋଷାଣୀ,୨୩।୧୧(ଡି.ଏନ୍.ଏ.): ପବିତ୍ର ରାସପୂର୍ଣ୍ଣମୀ ଅବସରରେ ଗଜପତି ଜିଲା ଗୋଷାଣୀ ବ୍ଲକର କତଲକଇଠା ଗ୍ରାମରେ ଗ୍ରାମ ପୂଜା କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ରାଜକୁମାରୀ କଲ୍ୟାଣୀ ଦେବୀ ଯୋଗଦେଇ ଗ୍ରାମବାସୀଙ୍କ ସହ କିଛି ସମୟ ଅତିବାହିତ କରିଥିଲେ। ଗୁରୁବାର ପୂର୍ଣ୍ଣମୀ ପୂର୍ବ ଦିନରୁ ଅଷ୍ଟପ୍ରହର ଆରମ୍ଭ ହୋଇ ଶୁକ୍ରବାର ପୂର୍ଣ୍ଣମୀ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଏଥିସହ ନଗର ସଂକୀର୍ତ୍ତନ ହୋଇଥିଲା। ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ପୂର୍ବତନ ବିଧାୟକ କେ. ନାରାୟଣ ରାଓ ଏବଂ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ ପର୍ଯ୍ୟାୟ କ୍ରମେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ରଥ, କୃଷ୍ଣ ବିଶ୍ୱାଳ,ସୁବାସ ସ୍ୱାଇଁ, ମନୋରଞ୍ଜନ ରଥ, ସନ୍ତୋଷ ଆପଟ, ସୁବାଷ ଜେନା, ଏମ୍.ସୀମାଞ୍ଚଳମ୍ ପରିଚାଳନା କରିଥିଲେ।

### ଚବୀଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ପଦ୍ମପୁର, ୨୩।୧୧ (ଡି.ଏନ୍.ଏ.): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପଦ୍ମପୁର ଶାଖା ତରଫରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପଦ୍ମପୁର ଗାୟତ୍ରୀ ଶକ୍ତିପୀଠ ପାର୍ଶ୍ୱ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କଳସ ଶୋଭାଯାତ୍ରାରେ ପାଇଗୁଡା ଗ୍ରାମର ମାତରବନ୍ନମ ଓ ଯାଜପୁର ଗ୍ରାମର ନୃତ୍ୟ ଦଳ ସାମିଲ ହୋଇଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରର ଋଷିପୁତ୍ର ଓ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଉତ୍କଳ ପ୍ରମୁଖ ବାଳକୃଷ୍ଣ ପଣ୍ଡା ଯଜ୍ଞଧ୍ୱଜା ଉତ୍ତୋଳନ କରିଥିଲେ। ଏହି ଅବସରରେ ସପ୍ତକ୍ରାନ୍ତି ଆନ୍ଦୋଳନ ସଂକ୍ରାନ୍ତୀୟ ଚିତ୍ତାକର୍ଷକ ପ୍ରଦର୍ଶନୀ ଷ୍ଟଲଗୁଡିକ ନିର୍ମିତ କରାଯାଇଛି। ପ୍ରତି ସନ୍ଧ୍ୟାରେ ଋଷିପୁତ୍ରମାନଙ୍କ ଦ୍ୱାରା ପ୍ରଜ୍ଞାପୁରାଣ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶୁକ୍ରବାର ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା । ଶାନ୍ତିକୁଞ୍ଜର ପ୍ରମୁଖ ଋଷିପୁତ୍ର ବ୍ରଜମୋହନ ଗୌଭର ଯୋଗ ଦେଇ ଯଜ୍ଞର ପୂର୍ଣ୍ଣାହୁତି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାର ଦେବାଶିଷ ମିଶ୍ର, ପ୍ରଶାନ୍ତ ଶତପଥୀ, ସୁଶାନ୍ତ ପଣ୍ଡା, ଅସୀମା ରାଓ, ଗଦାଧର ପଣ୍ଡାଙ୍କ ସହ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ

ଟିକିରି,୨୩।୧୧(ଡ଼ି.ଏନ.ଏ)- କାଶୀପୁର ବ୍ଲକ ହାଡିଗୁଡା ପଞ୍ଚାୟତ ଡିବାଗ୍ରିଖୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉତ୍କଳ ଆଲୁମିନାର ଅତିରିକ୍ତ ସଭାପତି ରାକେଶ ମିଶ୍ର , ଶିବଶଙ୍କର ମହାପାତ୍ର, ସତ୍ୟଭାମା ନାୟକ ଅତିଥି ଭାବେ ଯୋଗ ଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ କହିଥିଲେ ।

# ଆ..କା..ମା.. ବୈ..ରେ କମ୍ପିଲା ନଦୀକୂଳ

ରାୟଗଡା ଅଫିସ/ମୁନିଗୁଡ଼ା/ଚନ୍ଦ୍ରପୁର/ଗୁଣପୁର/ଟିକିରି, ୨୩।୧୧(ଡି.ଏନ୍.ଏ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ନଦୀକୂଳରେ ଜମିଛି ଶ୍ରଦ୍ଧାଳୁଙ୍କ ଭିଡ। ପ୍ରବଳ ଶୀତ ସ୍ୱତ୍ତ୍ୱେ ନଦୀରେ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ଶୁକ୍ରବାର ଭୋରରେ ସହର ଉପକଣ୍ଠରେ ଥିବା ନାଗାବଳୀ ଓ ପିଏଚଡି ସ୍ଥିତ ଝଞ୍ଜାବତୀ ନଦୀକୂଳରେ ଲୋକେ ବୋଇତ ବନ୍ଦାଣ କରିଛନ୍ତି । ଶ୍ରଦ୍ଧାଳୁମାନେ ହାତରେ କଦଳୀ ପଟୁକାରେ ନିର୍ମିତ ଡଙ୍ଗାରେ ଦୀପ ଲଗାଇ ନଦୀରେ ଭସାଇ ଥିଲେ । ଆ.. କା.. ମା.. ବୈ . ଓ ହୁଳହୁଳି ଧ୍ୱନିରେ ନଦୀକୂଳ କମ୍ପି ଉଠିଥିଲା । ଏଥିସହ ଦୀପ ଓ ଆତସବାଜିରେ ଝଲସି ଉଠିଥିଲା ନଦୀକୂଳ। ସେହିପରି ମୁନିଗୁଡାର ବିଭିନ୍ନ ନଦୀ କୂଳରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମୁନିଗୁଡା ନିକଟସ୍ଥ ବଂଶଧାରା ଓ ମୁନିଖୋଲ ନଦୀରେ ଡ଼ଙ୍ଗା ଭସାଇଛନ୍ତି । ଏଥିସହ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ମୁନିଗୁଡା ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ହନୁମାନ ମନ୍ଦିର, ଗଣେଶ ମନ୍ଦିର, ଲକ୍ଷ୍ମୀ ମନ୍ଦିରଗୁଡିକରେ ଭକ୍ତମାନଙ୍କୁ ପୂଜକମାନେ ମନ୍ଦିରକୁ ପଲିଥିନ୍‌ମୁକ୍ତ କରିବାକୁ ସଚେତନ କରିଥିଲେ। ସେହିପରି ଚନ୍ଦ୍ରପୁର ବ୍ଲକର ପୁରାତନ ଶୈବପୀଠ ମୀନାଝୋଲାଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଚନ୍ଦ୍ରପୁର, ହନୁମନ୍ତପୁର, ଡାଙ୍ଗସୋରଡା, ମୁନିଗୁଡା, ରାୟଗଡା, ଗୁଡାରୀ, ଗୁଣପୁରଠାରୁ ବହୁ ଶ୍ରଦ୍ଧାଳୁ ଶୁକ୍ରବାର ଭୋର ୫ଟା ସମୟରେ ଚାଉଳଧୁଆ, ଫଳଫଳିଆ, ବଂଶଧାରା ନଦୀର ସଙ୍ଗମସ୍ଥଳ ମୀନାଝୋଲାଠାରେ ଡଙ୍ଗାରେ ଧୂପ, ଦୀପ, ଫୁଲ ସଜ୍ଜିତ କରି ଭସାଇଥିଲେ । ନିଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏହି ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା । ସେହିପରି ଚନ୍ଦ୍ରପୁର ଚନ୍ଦ୍ରଶେଖର ମନ୍ଦିର, ଡାଙ୍ଗସୋରଡା ଶିବମନ୍ଦିର ପ୍ରାଙ୍ଗଣରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଗୁଣପୁର ବଂଶଧାରା ନଦୀରେ ଶ୍ରଦ୍ଧାଳୁମାନେ କଦଳୀ ପାଟୁକାରେ ଡଙ୍ଗା ତିଆରି କରି ଭସାଇ ଥିଲେ । ବୋଇତ ବନ୍ଦାଣ ଗୀତ ବୋଲିବା ସହ ସମସ୍ତ ରିତି ନିତି ମୁତାବକ ଡଙ୍ଗାକୁ ଭସାଇଥିଲେ। ଏଥିପାଇଁ ଭୋରରୁ ବଂଶଧାରା ନଦୀରେ ଲୋକଙ୍କ ଭିଡ ଜମିଥିଲା । ଏଥିଲାଗି ସହରର ସମସ୍ତ ମନ୍ଦିରରେ ଭିଡ ଲାଗି ରହିଥିଲା । ଲକ୍ଷ୍ମୀ ନାରାୟଣମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ସମାପନ ହୋଇଛି। ସେହିପରି କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିସହ ପାତାଳେଶ୍ୱର ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର,କାଶୀବିଶ୍ୱନାଥ ମନ୍ଦିର,ଧବଳେଶ୍ୱର ମନ୍ଦିର ରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।



ଗୁଣପୁର ବଂଶଧରା ନଦୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି ।

■ ସାଇ ପେପର ଇଣ୍ଡଷ୍ଟ୍ରିଜ୍‌ରେ ଅଗ୍ନିକାଣ୍ଡ

## ଦେଢଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

ରାୟଗଡା ଅଫିସ,୨୩।୧୧

ରାୟଗଡା ସହରର ରୟତ କଲୋନୀର ୭ମ ସାହିରେ ଥିବା ସାଇ ପେପର ଇଣ୍ଡଷ୍ଟ୍ରିଜରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି । ଫଳରେ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଶୁକ୍ରବାର ପୂର୍ବାହ୍ନ ୯ଟାରେ କମ୍ପାନୀ ଖୋଲାଯାଇଥିଲା । ଏହି ସମୟରେ ପଛପଟେ ରଖାଯାଇଥିବା ୨ ଟନ ପେପର ଗଦାରେ ନିଆଁ ଲାଗି ଯାଇଥିଲା । କର୍ମଚାରୀମାନେ ଏହା ଦେଖି ଇଣ୍ଡଷ୍ଟ୍ରିଜ୍‌ର ମାଲିକ ସୁମନ୍ତ ମହାରଣାଙ୍କୁ ଖବର ଦେଇଥିଲେ । ଖବରପାଇ ରାୟଗଡା ଦମକଳ ବାହିନୀର ଏସ.ଆଇ.ପୀତାମ୍ବର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୨ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ଅନ୍ୟପକ୍ଷରେ କମ୍ପାନୀ ପରିସରରେ କୌଣସି ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇ ନ ଥିବାରୁ ଏତେ ବଡ ଅଗ୍ନିକାଣ୍ଡ ଘଟିଗଲା ବୋଲି ଏସ.ଆଇ. ସାହୁ ପ୍ରକାଶ କରିଛନ୍ତି । ଅର୍ଥାଭାବରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇ ନାହିଁ । ସେଥିଲାଗି କମ୍ପାନୀ ପରିସରରେ ପ୍ରତ୍ୟେକ ଦିନ ୩ଟି ଡ୍ରମରେ ପାଣି ରଖାଯାଇଥାଏ ବୋଲି ମାଲିକ ମହାରଣା କହିଛନ୍ତି।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

## ଦାବି ପୂରଣ ଯାଏଁ ଚାଲିବ ଧାରଣା

ରାୟଗଡା ଅଫିସ୍, ୨୩।୧୧

ଅଙ୍ଗନୱାଡ଼ିକର୍ମୀଙ୍କ ଦୀର୍ଘଦିନର ଦାବି ପ୍ରତି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଏନେଇ କର୍ମଚାରୀମାନେ ବାରମ୍ବାର ଆନ୍ଦୋଳନ କରିଲେ ମଧ ସେମାନଙ୍କୁ ମିଳୁଛି କେବଳ ମିଥ୍ୟା ପ୍ରତିଶ୍ରୁତି । ଯାହାକୁ ନେଇ ସମ୍ପ୍ରତି ଅଙ୍ଗନୱାଡ଼ି କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ଏହାର ପ୍ରତିବାଦରେ ଆସନ୍ତା ୨୬ରେ ଅଲ୍‌ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ଆସୋସିଏଶନ୍ ପକ୍ଷରୁ ବିଧାନସଭା ସମ୍ମୁଖରେ ଘେରାଉ କରାଯିବ । ଦାବିପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦିଆଯାଇଛି। ସ୍ଥାନୀୟ ଠକ୍କରବାପା ଆଶ୍ରମ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ଏହି ଚେତାବନୀ ଦିଆଯାଇଛି । ଭାରତୀୟ ମଜଦୁର ସଂଘ ଜିଲା ସଭାପତି ଯୋଗେଶ୍ୱର ଦାସ, ଜିଲା ସମ୍ପାଦକ ଖଗେଶ୍ୱର ସିଂ, ଅଲ୍‌ଓଡ଼ିଶା ଲେଡିଜ୍ ୱାର୍କସ ଆସୋସିଏଶନ୍‌ର ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାସ, ଗୀତା ଉଲ୍ଲାକା, ଅମ୍ବିକା ନୀଳଗିରି, କେ.ନୀଳାଦ୍ରୀ, ପି.ମିନାକ୍ଷୀ ଦୋରା ଯୋଗ ଦେଇ ଏହା କହିଛନ୍ତି । ଉକ୍ତ ଦିନ ମାଷ୍ଟରକ୍ୟାଣ୍ଟିନରୁ ଏକ ଶୋଭାଯାତ୍ରା ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚିବ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ରାୟଗଡା ଜିଲାର ୧୧ଟି ବ୍ଲକ୍‌ର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ମିନିଅଙ୍ଗନୱାଡ଼ି କର୍ମୀ, ସହାୟିକା ସାମିଲ ହେବେ ବୋଲି ଯୋଗେଶ୍ୱର ଦାସ ପ୍ରକାଶ କରିଛନ୍ତି । ସହାୟିକା ଓ ମିନି ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାନ୍ୟତା ପ୍ରଦାନ ପର୍ଯ୍ୟନ୍ତ ସର୍ବନିମ୍ନ ମାସିକ ୧୮ହଜାର ଟଙ୍କା ଓ ସହାୟିକାମାନଙ୍କ ପାଇଁ ୯ହଜାର ଟଙ୍କା ପ୍ରଦାନ, ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଚିହ୍ନଟ କରି ପଦୋନ୍ନତି, ମିନିଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା, ନୂତନ ଖାଦ୍ୟ ତାଲିକା ମୂଲ୍ୟ ବୃଦ୍ଧି କରିବା ଆଦି ଦାବି କରିଛନ୍ତି ।




ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ ।

## ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମୋତ୍ସବ

ମୁନିଗୁଡ଼ା,୨୩।୧୧(ଡି.ଏନ୍.ଏ.)

ମୁନିଗୁଡ଼ା ସତ୍ୟସାଇ ସେବା ସମିତି ତରଫରୁ ଶ୍ରୀ ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ସମିତି ସଭାପତି ଭି. ଚନ୍ଦ୍ରଶେଖର ରାଓ ଓ ଭାନୁ ଦାସ ଦେଓକରଙ୍କ ମିଳିତ ନେତୃତ୍ୱରେ ସତ୍ୟସାଇ ମନ୍ଦିର ପରିସରରୁ ସତ୍ୟସାଇଙ୍କ ରଥ ସହ ସଂକୀର୍ତ୍ତନ ମଣ୍ଡଳୀ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଲେ । ପରେ ସେଠାରେ ପୂଜାର୍ଚ୍ଚନା, ହୋମ ଯଜ୍ଞ, ନାରାୟଣ ସେବା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ବାଳ ବିକାଶ ଛାତ୍ରମାନଙ୍କ ସହ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଗୁଡିକୁ ସେବା ସଂଘର ଦେବାର୍ଚ୍ଚନ ସାହୁ, ଜି. ନାଗାରାଜୁ, ନାରାୟଣ ରାଓ, ଜି. ମାନମଧା, କେ. ନାଗାରାଜୁ ଓ ମହିଳା ସେବା ସଂଘର ଭି. ଲିଲା, କେ. ରଜନୀ, ତୁଳସା ଆମ୍ମା ଓ ଯୁବକ ସଂଘର ଭି. ପ୍ରବୀଣ,ଅଶୋକ କୁମାର, ଜି. ସନ୍ତୋଷ ପରିଚାଳନା ଓ ସହଯୋଗ କରିଥିଲେ ।

■ ସରିଲା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ

## ଶିଶୁଙ୍କ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ : ଜିଲାପାଳ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ରାୟଗଡା ଅଫିସ, ୨୩।୧୧

ରାୟଗଡା ଜିଲା ସଦର ମହକୁମାର ଶିରିଗୁଡାସ୍ଥିତ ଏକଲବ୍ୟ ଆବାସିକ ଆଶ୍ରମ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ' ଶୁକ୍ରବାର ଶେଷ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସର୍ଗିଫୁଲ କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ଥିବା ଦକ୍ଷତାକୁ ବୃଦ୍ଧି କରିବା ପ୍ରଶାସନର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଜିଲାସ୍ତରରୁ ମନୋନୀତ ହୋଇ ରାଜ୍ୟସ୍ତରକୁ ଯାଉଥିବା ପ୍ରତିଯୋଗୀଙ୍କୁ ଆହୁରି ତାଲିମ ଦେଇ ରାଜ୍ୟସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ଅଧିକାରୀମାନେ ଚେଷ୍ଟା କରିବାକୁ କହିଥିଲେ। ସେହିପରି ଗତବର୍ଷ ଡଙ୍ଗରିଆ ଝିଅମାନେ ଦଶମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ନିଜ ସମ୍ପ୍ରଦାୟରେ ଏକ ନୂତନ ଆଶାର ଆଲୋକ ଦେଖାଇପାରିଛନ୍ତି, ତେଣୁ ସେମାନଙ୍କ ପରି ଝିଅମାନେ ବହୁତ ପାଠ ପଢିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ,ଉପଜିଲାପାଳ ପ୍ରବୀର କୁମାର ନାୟକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ରାୟଗଡାର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ,ଶିକ୍ଷା ମଣ୍ଡଳାଧୀଶ କୃଷ୍ଣଚନ୍ଦ୍ର ମହଲା,ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଆନାସ୍ତେସିଆ କେରକେଟା ,ଜିଲା ଶିକ୍ଷାନୁପରିଦର୍ଶକ ଶ୍ୟାମଘନ ଭୂୟାଁ, ବିଦ୍ୟାଭୂଷଣ ମହାନ୍ତି, ମଦନମୋହନ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଡଃ.ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।



ରାଧାକୃଷ୍ଣ ବେଶରେ ସଜ୍ଜିତହୋଇ ପିଲାମାନେ ସହର ପରିକ୍ରମା କରୁଛନ୍ତି ।

## ରାଧାକୃଷ୍ଣ ବେଶରେ ସହର ବୁଲିଲେ ଛାତ୍ରୀଛାତ୍ର

ପାରଳାଖେମୁଣ୍ଡି, ୨୩।୧୧(ସ୍ୱ.ପ୍ର.)

ପବିତ୍ର ରାସପୂର୍ଣ୍ଣିମା ଅବସରରେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ବାଲ୍‌ମୁକୁନ୍ଦ କେନ୍ଦ୍ରର ଛାତ୍ରୀଛାତ୍ରମାନେ ରାଧାଗୋବିନ୍ଦ ଧାମ ପକ୍ଷରୁ ଆୟୋଜିତ ନଗର ପରିକ୍ରମା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରାଯାଇଥିଲା। ଜଗତ୍‌ଗୁରୁ କୃପାଳୁଜୀ ମହାରାଜାଙ୍କ ଆରତି ପରେ ସଦରା ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମା' ଫୁଲସୁନ୍ଦରୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସେହିପରି ଶିଶୁ ସାହିତ୍ୟ ଆସରର ଦ୍ୱିତୀୟ ଦିବସରେ ୮ଟି ବିଦ୍ୟାଳୟର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୩୦ତାରିଖ ପ୍ରଥମାଷ୍ଟମୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଉକ୍ତ କାର୍ଯ୍ୟକ୍ରମର ପରିଚାଳିକା ନମିତା ଚୌଧୁରୀ ସୂଚନା ଦେଇଛନ୍ତି।

## ଭକ୍ତିସଙ୍ଗୀତ ସଂସଦ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା

ପାରଳାଖେମୁଣ୍ଡି, ୨୩।୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭକ୍ତି ସଙ୍ଗୀତ ସଂସଦ ପକ୍ଷରୁ ଭକ୍ତି ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାମାନନ୍ଦଜୀ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ହରିମୋହନ ପଟ୍ଟନାୟକ ଯୋଗଦେଇଥିଲେ । ଆକାଶବାଣୀ ସଂଗୀତ ସ୍ୱର ସଂଯୋଜକ ରଘୁନାଥ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଶୁତୋଷ ମିଶ୍ର, ଗିରିଜା ପଟ୍ଟନାୟକ, ଅନ୍ୱେଶା ରଥ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସମ୍ପାଦକ ରାଜେନ୍ଦ୍ର ରଥ, ସଂଗୀତ ବିଦ୍ୟାଳୟର ସମ୍ପାଦକ କୁଞ୍ଜବିହାରୀ ବଡକୁମର, ଗିରିଶ ରଥ, ହେମନ୍ତ ପଟ୍ଟନାୟକ, ବିଜୟ ପ୍ରଧାନ ରାମଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

କାଶୀନଗର, ୨୩।୧୧(ଡି.ଏନ.ଏ)

ଭାଷା ସୁରକ୍ଷା ସମ୍ମିଳନୀର କାଶୀନଗର ଶାଖା ପକ୍ଷରୁ ଓଡ଼ିଶାର ବରପୁତ୍ର ତଥା ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଶୁକ୍ରବାର ସ୍ଥାନୀୟ ବଂଶଧାରା ପାଠାଗାରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷା ସୁରକ୍ଷା ସମ୍ମିଳନୀର ଜିଲା ଆବାହକ ହୃଷିକେଶ ଗୌଡ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମିଶ୍ର ଏବଂ ବକ୍ତା ଭାବେ ରାଜେଶ ପଟ୍ଟନାୟକ ମଞ୍ଚାସୀନ ଥିଲେ। ନବକୃଷ୍ଣ ଚୌଧୁରୀଙ୍କ ସମାଜବାଦୀ ଚିନ୍ତନ, ଜନବାଦୀ କାର୍ଯ୍ୟ ଓ ଦଳମତ ନିର୍ବିଶେଷରେ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ସମର୍ଥନ ସମ୍ପର୍କରେ ଆଲୋକପାତ କରିଥିଲେ। ଚଷା, ଭାଷା ଓ ନିଶା କ୍ଷେତ୍ରରେ ତାଙ୍କର ବୈପ୍ଳବିକ ଚିନ୍ତାଧାରା ଏବଂ ଆଇନ ପ୍ରଣୟନ ଆଦି ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଶେଷରେ ସ୍ମୃତିରଞ୍ଜନ ଗୌଡ ଧନ୍ୟବାଦ ଦେଇଥିଲେ। ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ସ୍ୱର୍ଗତ ବୈଷ୍ଣବ ପରିଡାଙ୍କ ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ବୁଡ଼ ପକାଇ ଡଙ୍ଗା ଭସାଇଲେ

ପାରଳାଖେମୁଣ୍ଡି, ୨୩।୧୧(ସ୍ୱ.ପ୍ର.)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଗଜପତି ଜିଲା ପାରଳାଖେମୁଣ୍ଡି ସହରର ମହେନ୍ଦ୍ରତନୟା ନଦୀଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଡଙ୍ଗା ଭସାଇଛନ୍ତି। ସେହିପରି ସଦରା ପୋଖରୀ, ପଟ୍ଟନାୟକ ପୋଖରୀ, ଦୋଳବନ୍ଧ, ରାମସାଗର ଇତ୍ୟାଦି ଜଳାଶୟରେ ମଧ ଲୋକେ ଡଙ୍ଗା ଭସାଇଥିଲେ। ପରେ ବିଭିନ୍ନ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ଅନେକ ସ୍ଥାନରେ ଅଷ୍ଟପ୍ରହର, ହୋମ, ନାମଯଜ୍ଞ ତଥା ଅନ୍ନସେବା ଆଦି ଆୟୋଜନ ହୋଇଥିଲା।

### ପୂର୍ବତନ ଏନ୍‌ଏସି ଅଧକ୍ଷଙ୍କ ପରଲୋକ

କାଶୀନଗର, ୨୩।୧୧(ଡି.ଏନ.ଏ)– କାଶୀନଗର ଏନ୍‌ଏସିର ପୂର୍ବତନ ଅଧକ୍ଷ ଆର୍. ଲକ୍ଷ୍ମୀ ନାରାୟଣାଙ୍କର ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ଥରେ ପ୍ରତ୍ୟକ୍ଷ ଓ ଆଉ ଥରେ ପରୋକ୍ଷ ପଦ୍ଧତିରେ ଏନ୍‌ଏସି ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେ କାଶୀନଗରର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ରାମେଶ୍ୱର ମନ୍ଦିର ବିକାଶ ନେଇ ଆଲୋଚନା

ଗୁଣପୁର,୨୩।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହର ସେଫାଳି ପାହାଡଠାରେ ଥିବା ରାମେଶ୍ୱର ଶିବଶମ୍ଭୁ ମନ୍ଦିରର ସର୍ବାଙ୍ଗିନ ବିକାଶ ନେଇ ଏକ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହ ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମନ୍ଦିରର କିପରି ବିକାଶ ହେବ ଏବଂ ଏହାକୁ କିପରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବ ସେନେଇ ମତ ପ୍ରକାଶ କରିଥିଲେ।। ମନ୍ଦିରର ଚୂଡା ନିର୍ମାଣ, ମୁଖଶାଳା ନିର୍ମାଣ, ବୃଷଭ ପ୍ରତିଷ୍ଠା, ପାହାଡ ଉପରକୁ ସ୍ଥାୟୀ ରାସ୍ତା ନିର୍ମାଣ, ରାସ୍ତାରେ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ରୋଷେଇ ଗୃହ ଓ ଭୋଜନ ମଣ୍ଡପ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥିସହ ମନ୍ଦିର ଉପରେ ୩୦ ଫୁଟ ଉଚ୍ଚତାରେ ଶିବଙ୍କ ମୂର୍ତ୍ତି ନିର୍ମାଣ ନେଇ ନିଷ୍ପତ୍ତି ହୋଇଥିଲା । ଏହି କାର୍ଯ୍ୟର ଅଗ୍ରଗତି କରିବା ନେଇ ଲୋକ ପ୍ରତିନିଧି ଏବଂ ପ୍ରଶାସନ ଓ ରାଜ୍ୟସରକାରଙ୍କ ସହଯୋଗ କାମନା କରାଯିବା ସହ ଏକ ପ୍ରତିନିଧି ଦଳ ସେମାନଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିଷ୍ଠାତା ସଦସ୍ୟ କୈଳାସ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧକ୍ଷ ପୁରୁଷୋତ୍ତମ ଗମାଙ୍ଗ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ରେଞ୍ଜର ଅଶୋକ କୁମାର ପ୍ରଧାନ, ସମତି ସଭ୍ୟ ବାଲି ଗମାଙ୍ଗ, ପୂର୍ବତନ ଏନଏସି ଅଧକ୍ଷ ଶିବ ପ୍ରସାଦ ଗୌଡଙ୍କ ସମେତ ସହରର ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଦୁର୍ଗା ପ୍ରସାଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । କୃଷ୍ଣ ସେନାପତି ଧନ୍ୟବାଦ ଦେଇଥିଲେ । କଳି ସାହୁ, ବିମଳ ମିଶ୍ର, ଜଗଦିଶ ପାତ୍ର, କମଳାକାନ୍ତ ଖୁଣ୍ଟିଆ , ପ୍ରେମାଂଶୁ ରଥ, ଗଦାଧର ପଣ୍ଡା, ଉମା ଶଙ୍କର ଦାସ, ଡ.ପ୍ରଶାନ୍ତ ହୋତା, ଶ୍ରୀ ନିବାସ ଖାଡାଙ୍ଗା, ପ୍ରାଣକୃଷ୍ଣ ପାଣିଗ୍ରାହୀ, ଡି.ରାଜା, ଟକର ପାଣିଗ୍ରାହୀ, ଆଶୁତୋଷ ବରାଳ, ସୂର୍ଯ୍ୟନାରାୟଣ ରଥ, ସୁରେନ୍ଦ୍ର ମହାନ୍ତି, ରମେଶ ପାଣିଗ୍ରାହୀ, ଅକ୍ଷୟ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସହରର ମାନ୍ୟଗଣ୍ୟ ବ୍ୟକ୍ତି ।

# ନରେନ୍ଦ୍ର ପୋଖରୀରେ ଭାସିଲା ବୋଇତ

**କୋରାପୁଟ,୨୩।୧୧(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି। କାର୍ତ୍ତିକ ମାସ ଶେଷ ଦିନରେ ଶୁକ୍ରବାର ବଡିଭୋରରୁ ଶାବର ଶ୍ରୀକ୍ଷେତ୍ରରେ ତିନିଠାକୁରଙ୍କ ମଙ୍ଗଳ ଆଳତି କରାଯାଇଥିଲା। ଭୋର ୫ଟା ୩୦ରେ ନରେନ୍ଦ୍ର ସରୋବରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା ସହ ବୋଇନ୍ଦ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସଂପାଦକ ତଥା ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା ଉପସ୍ଥିତ ଥିଲେ । ପରେ ଭକ୍ତମାନେ ଶାବର ଶ୍ରକ୍ଷେତ୍ରରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଦର୍ଶନ କରି ନିଜ ପାଇଁ ଆଶିଷ ଭିକ୍ଷା କରିବା ସହ ମନ୍ଦିରର ଉପରବେଢ଼ାରେ ଥିବା ମହାବୀର ହନୁମାନ, ବିମଳା, ଗଣେଶ, ନବଗ୍ରହ, ନୃସିଂହ, ଲକ୍ଷ୍ମୀ ମନ୍ଦିର ଦର୍ଶନ କର ନାମ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଆଖଣ୍ଡଳମଣି ମନ୍ଦିର, ଓଏମ୍‌ପିର ନୀଳକଣ୍ଠେଶ୍ୱର ମନ୍ଦିର, ରାଉଳି ମନ୍ଦିର, ଶାବରେଶ୍ୱର ମନ୍ଦିରରେ ଜିଲା ଓ ବାହାରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

### ଶାବର ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ଼


ନରେନ୍ଦ୍ର ପୋଖରୀରେ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଉଛନ୍ତି।

# ସୁରଭିତ ହେଉଛି ନମିତାଙ୍କ ପ୍ରତିଭା

**ବାପାଙ୍କ ଦେହାନ୍ତ ପରେ ଅର୍ଥାଭାବରୁ ସିନା ଅଧାରୁ ପାଠପଢ଼ା ଛାଡ଼ିଥିଲେ; କିନ୍ତୁ ପରେ ସ୍କୁଲକୁ ଫେରିଲେ ନମିତା। ତାଙ୍କ ଭିତରେ ଥିଲା ଦୈବୀ ପ୍ରଦତ୍ତ କଳା। ତାହା ଏବେ ଚମକୁଛି । ଭଲ ପାଠ ପଢ଼ିବା ସହ ଖେଳ, ସଙ୍ଗୀତ ଓ ଚିତ୍ରାଙ୍କନରେ ତାଙ୍କର ପ୍ରତିଭା ଏବେ ସୁରଭିତ ହେବା ଆରମ୍ଭ କରିଛି। ପୋଲିସ ଅଧିକାରୀ ହୋଇ ମହିଳାଙ୍କ ସୁରକ୍ଷା ପାଇଁ କାମ କରିବା ଲାଗି ତାଙ୍କ ଭିତରେ ଅସୁମାରି ସ୍ୱପ୍ନ।**

**କାଶୀନଗର, ୨୩।୧୧(ଡି.ଏନ.ଏ.)**

ନମିତା ବେହେରା। ବୟସ ୧୫। ଏବେ ଗଜପତି ଜିଲା କାଶୀନଗର ବ୍ଲକ ଗୋରିବନ୍ଧା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦଶମଶ୍ରେଣୀର ଛାତ୍ରୀ। ଏହି ବାଳିକାଙ୍କ ଆଖିରେ ଭରିଛି ଅନେକ ସ୍ୱପ୍ନ। ଭଲ ପାଠ ପଢିବା ସହ ନିଜ ପ୍ରତିଭାକୁ କିପରି ସାରା ଦୁନିଆକୁ ଦେଖାଇବେ ସେନେଇ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ତାଙ୍କୁ ଶିକ୍ଷୟିତ୍ରୀ ନିର୍ମଳା ଦାସ ପ୍ରେରଣା ଯୋଗାଇ ଦେଉଥିବା ସେ କହିଛନ୍ତି। ଖେଳ, ସଙ୍ଗୀତ ଓ ଚିତ୍ରାଙ୍କନରେ ନମିତା ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ନିକଟରେ ଶେଷ ହୋଇଥିବା ବ୍ଲକ ଓ ଜିଲାସ୍ତରୀୟ 'ସୁରଭି'ରେ ସେ ଦୌଡ଼ ଓ ଲମ୍ଫଡିଆଁରେ ସଫଳତା ହାସଲ କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇପାରିଛନ୍ତି। ସେହିପରି କେତେକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇଛନ୍ତି। ଏଥିଯୋଗୁ ତାଙ୍କୁ ଗତ ଶିଶୁ ଦିବସରେ ବିଦ୍ୟାଳୟ ତରଫରୁ ପୁରସ୍କାର ଓ ପ୍ରମାଣପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ସହଯୋଗ ଓ ପ୍ରୋତ୍ସାହନ ମିଳିଲେ ସେ ଆଗକୁ ଯାଇପାରିବେ ବୋଲି ନମିତା ପ୍ରକାଶ କରିଛନ୍ତି। ବାପା ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଦେହାନ୍ତ ପରେ ନମିତା ଅର୍ଥାଭାବରୁ ଅଧାରୁ ପାଠପଢ଼ା ଛାଡ଼ିଦେଇଥିଲେ। ମାତ୍ର ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁଣି ତାଙ୍କୁ ବିଦ୍ୟାଳୟମୁହାଁ କରାଇ ପାରିଥିବା ନମିତାଙ୍କ ମା' ପ୍ରମିଳା ବେହେରା କହିଛନ୍ତି। ବର୍ତ୍ତମାନ ସମାଜରେ ଝିଅମାନେ ଅସମ୍ମାନ ଓ ନିର୍ଯାତନାର ଶିକାର ହେବା ଘଟଣା ତାଙ୍କୁ ବ୍ୟଥିତ କରୁଛି, ତେଣୁ ସେ ଭଲ ପାଠପଢ଼ି ପୋଲିସ ଅଧିକାରୀ ହୋଇ ମହିଳାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆଶା ବାନ୍ଧିଛନ୍ତି ବୋଲି ନମିତା କହିଛନ୍ତି।


ଶିଶୁ ଦିବସରେ ବିଦ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ନମିତାଙ୍କୁ ସମ୍ମାନିତ କରାଯାଉଛି।

# ପରମ୍ପରାର ପର୍ବ ବୋଇତ ବନ୍ଦାଣ

**ଜୟପୁର,୨୩।୧୧(ଡି.ଏନ୍.ଏ.)**

ଜୟପୁର ସହରର ରାଜୁ ସାହି ପଞ୍ଚାନନ ମନ୍ଦିର ଛକରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ କହିଛନ୍ତି, ବୋଇତ ବନ୍ଦାଣ ଓଡିଆ ଜାତି ଓ ସଂସ୍କୃତି, ପରମ୍ପରାର ପର୍ବ। ସେହିପରି ସାଧବପୁଅ କିମ୍ବଦନ୍ତୀ କଥା ମଧ୍ୟ ସେ ସ୍ମରଣ କରିଥିଲେ। ବିନୋଦ ମହାପାତ୍ର, ସନ୍ତୋଷ ଦାଶ, ନିହାର ବିଶୋୟୀ, ନରେନ୍ଦ୍ର ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ ଆକାଶବାଣୀର ବରିଷ୍ଠ ଅଧିକାରୀ ରଞ୍ଜନ ବେହେରା ଏବଂ ବରିଷ୍ଠ ନାଗରିକ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଘ୍ନରାଜ ମିଶ୍ର ପରିଚାଳନା କରିଥିଲେ । ସେହିପରି ଜନଶ୍ରୁତି ପକ୍ଷରୁ ପ୍ରସ୍ତୁତ ଜୟପୁର ଦଶହରାରେ ଅପରାଜିତା ପୂଜା ସମ୍ପର୍କିତ ପ୍ରାମାଣିକ ଭିଡିଓର ଉନ୍ମୋଚନ କରାଯାଇଥିଲା। ସ୍ଥାନୀୟ ପ୍ରେରଣା କଳାକେନ୍ଦ୍ର ପକ୍ଷରୁ ନୃତ୍ୟ ଏବଂ ସମ୍ବଲପୁରର ଅର୍କେଷ୍ଟ୍ରା ସଙ୍ଗୀତ ପରିବେଷଣ କରିଥିଲେ।

ଶୁକ୍ରବାର ଭୋରରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜଗନ୍ନାଥ ସାଗର ଓ ଅନ୍ୟ ପୋଖରୀ ସମେତ ସତୀ ନଦୀରେ ବୋଇତ ବନ୍ଦାଣ ହୋଇଥିଲା। ଶ୍ରଦ୍ଧାଳୁମାନେ ପୂର୍ବପୁରୁଷଙ୍କ ସ୍ମୃତିରେ ଡଙ୍ଗା ଭସାଇଥିଲେ। ଜଗନ୍ନାଥ, ବଲ୍ଲଭ ନାରାୟଣ, ଭଗବତୀ, ରଘୁନାଥ, ଚୈତନ୍ୟ, ନୀଳକଣ୍ଠ, ପଞ୍ଚାନନ, ବୈଦ୍ୟନାଥ, ଭୂତନାଥ, ଲୋକେଶ୍ୱର, ରସିକ ଶିରୋମଣି, ରାଧାକୃଷ୍ଣ, କୁଞ୍ଜବିହାରୀ, ରାଧାମାଧବ ଏବଂ ଗୀତା ଭବନରେ ଭକ୍ତଙ୍କ ଭିଡ଼ ହୋଇଥିଲା।



ଅତିଥିମାନେ ପ୍ରାମାଣିକ ଭିଡିଓ ଉନ୍ମୋଚନ କରୁଛନ୍ତି।


ନୀଳକଣ୍ଠେଶ୍ୱର ପୀଠରେ ଶ୍ରଦ୍ଧାଳୁ ଦେବଦର୍ଶନ ପାଇଁ ଧାଡ଼ି ବାନ୍ଧିଛନ୍ତି।

# କାର୍ତ୍ତିକ ପୂର୍ଣ୍ଣିମାରେ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପାପଡ଼ାହାଣ୍ଡି, ୨୩।୧୧, (ଡି.ଏନ.ଏ.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ପ୍ରମୁଖ ଶୈବ ପୀଠ ନୀଳକଣ୍ଠେଶ୍ୱର, ଝାଡ଼େଶ୍ୱର, ଗର୍ଭରାଇରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା । ନୀଳକଣ୍ଠେଶ୍ୱର ପୀରେ ମୁଖ୍ୟ ପୁରୋହିତ ଶିବ କୁମାର ତ୍ରିପାଠୀ ଓ ନୀଳକଣ୍ଠ ତ୍ରିପାଠୀ ପୂଜା କରିବା ପରେ ରାତ୍ର ୩ଟାରୁ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଆଗମନ ଦେଖିବାକୁ ମିଳିଥିଲା। ଦିନ ତମାମ ଜିଲାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ମନ୍ଦିର ପରିସରରେ ଲୋକେ ଧାଡ଼ି ବାନ୍ଧି ବହୁ ସମୟ ଅପେକ୍ଷା କରି ଠାକୁରଙ୍କ ଦର୍ଶନ କରି ଫେରିଥିଲେ । ଏହି ଅବସରରେ ମନ୍ଦିର ପରିସରରେ ଅଷ୍ଟ ପ୍ରହର ନାମ ଯଜ୍ଞ ଆୟୋଜନ କରାଯାଇଥିଲା । ସେହିପରି ଝାଡ଼େଶ୍ୱର ଓ ଗର୍ଭରାଇ ପୀଠରେ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଟୁରୀ ନଦୀ ସହ ବିଭିନ୍ନ ପୁଷ୍କରିଣୀରେ ଲୋକେ ଡଙ୍ଗା ଭଷାଇଥିଲେ।






